ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୭୨-୭୩ ମସିହାର ବଜେଟ୍ ଉପସ୍ଥାପିତ କରି
# ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କ
# ଅଭିଭାଷଣ

## ମାନ୍ୟବର ଅଧ୍ୟକ୍ଷ ମହାଶୟ,

ମୁଁ ୧୯୭୨-୭୩ ମସିହା ପାଇଁ ଓଡ଼ିଶା ସରକାରଙ୍କ ବାର୍ଷିକ ଅର୍ଥ-ବିବରଣୀ ଉପସ୍ଥାପିତ କରିବାକୁ ଯାଉଛି ।

୨ । ୧୯୭୧ ମସିହା ଜୁଲାଇ ମାସରେ ଏ ଗୃହରେ ଚଳିତ ବର୍ଷର ବଜେଟ ଉପସ୍ଥାପିତ କଲାବେଳେ ଦେଶ ଯେଉଳି ସଙ୍କଟ ମଧ୍ୟ ଦେଇ ଗତି କରୁଥିଲା ଓ ଆମର କାର୍ଯ୍ୟକ୍ରମ ତଥା ଆର୍ଥିକ ପରିସ୍ଥିତି ଉପରେ ତାହାର ପ୍ରଭାବ କିପରି ପଡ଼ିଥିଲା, ସେ ସମ୍ପର୍କରେ ମୁଁ ସୂଚନା ଦେଇଥିଲି । ତା'ପରଠାରୁ ଐତିହାସିକ ଘଟଣାପ୍ରବାହ, ଯଥା:— ପାକିସ୍ଥାନଦ୍ୱାରା ସଂଘର୍ଷର ସୂତ୍ରପାତ, ମୁଖ୍ୟତଃ ପ୍ରଧାନ ମନ୍ତ୍ରୀଙ୍କ ଅସାଧାରଣ ଓ ବିଚକ୍ଷଣ ନେତୃତ୍ୱ ତଥା ଆମ ସଶସ୍ତ୍ର ବାହିନୀର ସାହସିକତା, ତ୍ୟାଗ ଓ ଶୃଙ୍ଖଳା ଏବଂ ମୁକ୍ତି ବାହିନୀର ବୀରତ୍ୱ ଯୋଗୁଁ ବିଜୟଲାଭ ଓ ଯୁଦ୍ଧର ପରିଣତି ସ୍ୱରୂପ ଗଣତନ୍ତ୍ର ତଥା ଧର୍ମନିରପେକ୍ଷତାରେ ଆସ୍ଥାବାନ ଏକ ସ୍ୱାଧୀନ ବଙ୍ଗଳାଦେଶର ଅଭ୍ୟୁଦୟ ଫଳରେ ରାଜ୍ୟଗୁଡ଼ିକର ତଥା ଭାରତବର୍ଷର ନୀତି, କାର୍ଯ୍ୟକ୍ରମ ଓ ଯୋଜନାର ଲକ୍ଷ୍ୟ ଏବଂ କାର୍ଯ୍ୟରେ ଅଧିକତର ସ୍ୱୀକାର ଆବଶ୍ୟକତା ଉପୁଜିଛି । ଏଣୁ ବର୍ତ୍ତମାନ ଦେଶରେ ଯେଉଁଭଳି ପରିସ୍ଥିତି ଦେଖାଦେଇଛି ସେଥିରେ ସ୍ୱାବଲମ୍ବନ ଏବଂ ଶିଳ୍ପ ଓ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ତଥା ଆର୍ଥିକ ସଂଯମ ବିଶେଷ ଜରୁରୀ ହୋଇପଡ଼ିଛି । ଆଜି ଏହି ମହନୀୟ ସଭାରେ ମୁଁ ଯେଉଁ ନିରାଡ଼ମ୍ବର ବ୍ୟୟ ଅଟକଳ ଉପସ୍ଥାପିତ କରିବାକୁ ଯାଉଛି ସେଥିରେ ଏହି ଜାତୀୟ ଅଗ୍ରାଧିକାରଗୁଡ଼ିକ ଆବଶ୍ୟକମତେ ପ୍ରତିଫଳିତ ହୋଇଛି ।

୩ । ଓଡ଼ିଶାପକ୍ଷେ ବିଗତ ଛ ମାସ ବିଶେଷ ବିଷମ ସମୟ ଥିଲା । ପ୍ରକୃତରେ ୧୯୭୧ ମସିହାରେ ଆମ ରାଜ୍ୟରେ ଯେଉଳି ଲଗ ଲଗ ପ୍ରାକୃତିକ ବିପତ୍ତି ଦେଖାଦେଲା, ତା'ଫଳରେ ଉକ୍ତ ବର୍ଷକୁ ଏକ ଅଭୂତପୂର୍ବ ସମୟ-ବୋଲି କହିବା ଭୁଲ ହେବ ନାହିଁ । ରାଜ୍ୟର ବ୍ରାହ୍ମଣୀ ଓ ବୈତରଣୀ ନଦୀ ଏବଂ ଏହାର ସମସ୍ତ ଶାଖା ନଦୀମାନଙ୍କରେ ପ୍ରବଳ ବନ୍ୟା ହୋଇଥିଲା । ଏହି ବନ୍ୟା ଥରକୁ ଥର ଆସି ଅସ୍ୱାଭାବିକଭାବେ ଦୀର୍ଘକାଳ ପର୍ଯ୍ୟନ୍ତ ବନ୍ୟାଜଳ ଜମି ରହିବାରୁ ମରାମତି ହୋଇଥିବା ବନ୍ଧବାଡ଼ ଧୋଇ ହୋଇ ଯାଇଥିଲା । ଗୋଟିଏ ଥରର ବନ୍ୟାଜଳ ସମ୍ପୂର୍ଣ୍ଣରୂପେ ନିଷ୍କାସନ ନ ହେବା ପୂର୍ବରୁ ଦ୍ୱିତୀୟ ଓ ତୃତୀୟଥର ପାଇଁ ପୁଣି ନଇବଢ଼ି ଆସିଥିଲା । ବନ୍ୟାର ଠିକ୍ ପରେ ପରେ ଅକ୍ଟୋବର ୨୯ ଓ ୩୦ ତାରିଖରେ ବାତ୍ୟା ବିପର୍ଯ୍ୟୟ ଆସି ପହଞ୍ଚିଲା । ଏହା ଫଳରେ ବହୁଲୋକ ମୃତ୍ୟୁମୁଖରେ ପଡ଼ିଲେ ଏବଂ ବିପନ୍ନ ଅଞ୍ଚଳର ଲୋକେ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କଲେ । ଘଣ୍ଟାକୁ ୧୬୫ କିଲୋମିଟର ବେଗରେ ବାତ୍ୟା ବହି କଟକ, ବାଲେଶ୍ୱର, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ପ୍ରାୟ ୮,୦୦୦ ବର୍ଗ ମାଇଲ ଅଞ୍ଚଳର ସମସ୍ତ ଫସଲ ଓ ବାସ-ଗୃହର ବ୍ୟାପକ କ୍ଷତି ଘଟାଇଥିଲା । ବାତ୍ୟା ସହିତ ସମୁଦ୍ର ଜୁଆର ଯୋଗୁଁ ବହୁ ସଂଖ୍ୟକ ମନୁଷ୍ୟ ଓ ଗୋରୁଗାଈ ଭାସିଗଲେ । ସମୁଦ୍ର ଜୁଆର ଉପକୂଳର ୧୫ ମାଇଲ ଭିତରକୁ ମାଡ଼ିଆସିବା ଫଳରେ ପ୍ରଭୂତ କ୍ଷୟକ୍ଷତି ଘଟିଲା ଏବଂ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗିଲେ । ଏ ସଂକ୍ରାନ୍ତ ପୂର୍ଣ୍ଣାଙ୍ଗ ବିବରଣୀ ଏ ଗୃହରେ ପୂର୍ବରୁ ଦିଆଯାଇଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ଋଣ ଆକାରରେ ୧୫·୫୬ କୋଟି ଟଙ୍କା ଏବଂ ଗ୍ରାଣ୍ଟ ଆକାରରେ ୩·୭୭ କୋଟି ଟଙ୍କା, ଏଭଳି ମୋଟ ୧୯·୩୩ କୋଟି ଟଙ୍କା ଦେଲେ । ବାତ୍ୟା ବାବଦ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ରାଜ୍ୟ ସରକାର ଉପଲବ୍ଧି କଲେ ଏବଂ ବିଭିନ୍ନ ସାହାଯ୍ୟ ଓ ପୁନରୁଦ୍ଧାର କାର୍ଯ୍ୟପାଇଁ ୨୦·୯୩ କୋଟି ଟଙ୍କା ମଂଜୁର କରିସାରି ଏଥି ସଙ୍ଗେ ସଙ୍ଗେ ଅତିରିକ୍ତ ସାହାଯ୍ୟ ସ୍ୱରୂପ ୧୩.୬୦ କୋଟି ଟଙ୍କା ଦେବାପାଇଁ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି । ମୁଁ ଏ ବିଷୟଟି ପ୍ରତି ବ୍ୟକ୍ତିଗତଭାବେ ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି ଯେ କେନ୍ଦ୍ର ସରକାର ଆମର ଆବଶ୍ୟକତା ପୂର୍ଣ୍ଣମାତ୍ରାରେ ପୂରଣ କରି ନଥିଲେ ମଧ୍ୟ ଆମେ ରାଜ୍ୟର ସମ୍ବଳ ଅନୁଯାୟୀ ଖର୍ଚ୍ଚକୁ ସୀମାବଦ୍ଧ ରଖିବା ପାଇଁ ଯତ୍ପରୋନାସ୍ତି ଉଦ୍ୟମ କରିଛୁ ଏବଂ ବାସ୍ତବ ଦୃଷ୍ଟିଭଙ୍ଗୀସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ । ଆମ୍ଭମାନଙ୍କର ଏ ଧରଣର ପ୍ରଚେଷ୍ଟା ସତ୍ତ୍ୱେ ଅନ୍ୟାୟଭାବେ ଦୋଷାରୋପ କରା ଯାଇଛି । ମାତ୍ର ଏ ଦିଗରେ ଯଦି କୌଣସି ଦୋଷ ଦୁର୍ବଳତା ରହି ଯାଇଥାଏ ତେବେ ଆର୍ଥିକ ଶୃଙ୍ଖଳା ରକ୍ଷାର ଆବଶ୍ୟକତା ଦୃଷ୍ଟିରୁ ତାହା କରାଯାଇଛି, ଯାହା ଉପରେ କି ଏବେ କେନ୍ଦ୍ର ସରକାର ବେଶି ଜୋର ଦେଉଛନ୍ତି ।

୪ । ଏହି ଅବସରରେ ମୁଁ ଏକଥା ସୂଚାଇ ଦେବାକୁ ଚାହେଁ ଯେ ଅର୍ଥନୈତିକ ପ୍ରଗତି ତଥା ସମୃଦ୍ଧି ହାସଲ ପାଇଁ ଆମେ ଯେଉଁ ସିଦ୍ଧାନ୍ତ ଗ୍ରହଣ କରିଛୁ, ଏହି ବାଧାବିଘ୍ନ ଫଳରେ ତାହା କୌଣସି ମାତ୍ରାରେ ହ୍ରାସପାଇବ ନାହିଁ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ଓଡ଼ିଶାର ଜନସାଧାରଣଙ୍କର ଜୀବନଧାରଣ ମାନ ଓ ଦେଶର ଅବଶିଷ୍ଟ ଅଞ୍ଚଳର ଲୋକମାନଙ୍କର ଜୀବନଧାରଣ ମାନ ମଧ୍ୟରେ ତାରତମ୍ୟ କେବଳ ମାତ୍ର ଅତ୍ୟଧିକ ନୁହେଁ, ଏହା କ୍ରମଶଃ ବଢ଼ିବାରେ ଲାଗିଛି । ପରିସଂଖ୍ୟାନ ଓ ଅର୍ଥନୀତି ସଂସ୍ଥାର ହିସାବ ଅନୁଯାୟୀ ଓଡ଼ିଶାର ଆୟ ୧୯୬୯-୭୦ ମସିହାରେ ୫୩୨ କୋଟି ଟଙ୍କାରୁ ୫୪୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଏହି ବୃଦ୍ଧି ହେଉଛି ଶତକଡ଼ା ୨·୮ ଭାଗ । ହାରାହାରି ଜାତୀୟ ଆୟ ବୃଦ୍ଧି ତୁଳନାରେ ଏହା ଅବଶ୍ୟ କମ୍ । ୧୯୭୦-୭୧ ମସିହାରେ ଓଡ଼ିଶାର ମୁଣ୍ଡପିଛା ଆୟ ଥିଲା ୨୫୨ ଟଙ୍କା । ପୂର୍ବବର୍ତ୍ତୀ ବର୍ଷର ହାରାହାରି ତୁଳନାରେ ବୃଦ୍ଧିର ହାର ଶତକଡ଼ା ୧ ଭାଗରୁ କମ୍ ହୋଇଥିଲା । ମୁଣ୍ଡପିଛା ଆୟରେ ରହିଯାଇ ଥିବା ତାରତମ୍ୟ ୧୯୬୪-୬୫ରେ ୭୪ ଟଙ୍କା ଥିବା ବେଳେ ୧୯୬୯-୭୦ ବେଳକୁ ଏହା ବୃଦ୍ଧିପାଇ ୮୯ ଟଙ୍କାରେ ପହଞ୍ଚିଛି । ଅପେକ୍ଷାକୃତ ଅନଗ୍ରସରତାର ଏଭଳି ଏକ ପୃଷ୍ଠଭୂମିରେ ୧୯୭୧-୭୨ରେ କୃଷି ଉତ୍ପାଦନ ବୃଦ୍ଧିପାଇଁ ଆମେ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିଲୁ । ଉତ୍ପାଦନର ଲକ୍ଷ୍ୟ ୬୦ ଲକ୍ଷ ଟନରେ ଧାର୍ଯ୍ୟ ହୋଇଥିଲା । ଦୁର୍ଭାଗ୍ୟବଶତଃ ବନ୍ୟା ଓ ବାତ୍ୟା ଯୋଗୁଁ ଏହି ଲକ୍ଷ୍ୟ ପୂରଣପାଇଁ ଗୁରୁତର ଅସୁବିଧା ସୃଷ୍ଟି ହେଲା । କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକରେ ବିଶେଷଜ୍ଞମାନଙ୍କ ଦ୍ୱାରା ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାଯାଇଛି ଯେ ୨୯·୫ ଲକ୍ଷ ଏକର ଜମିରେ ଧାନ ଫସଲ ନଷ୍ଟ ହୋଇ ଯାଇଛି ଏବଂ ଏହାଫଳରେ ଚାଉଳ ଉତ୍ପାଦନ ପ୍ରାୟ ସାଢ଼େ ସାତଲକ୍ଷ ଟନ୍ କମିଯାଇଛି ।

ବାତ୍ୟା ଜନିତ କ୍ଷୟକ୍ଷତିର ବ୍ୟାପକତା ସମ୍ପର୍କରେ ଅବଗତ ହେବା ସଙ୍ଗେ ସଙ୍ଗେ ବିପନ୍ନ ଅଞ୍ଚଳର ଲୋକ-ମାନଙ୍କର ଆତ୍ମପ୍ରତ୍ୟୟ ପ୍ରତିଷ୍ଠା ତଥା ସେମାନଙ୍କର ଅର୍ଥନୈତିକ ସ୍ଥିତିର ପୁନରୁଦ୍ଧାର ଉଦ୍ଦେଶ୍ୟରେ ପରିକଳ୍ପନା ମାନ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଆମେ ଉପଲବ୍ଧି କଲୁ । ଜଳ ଯୋଗାଣର ବ୍ୟବସ୍ଥାପାଇଁ ଆମେ ଅନେକ ଗୁଡ଼ିଏ ପରିକଳ୍ପନା ହାତକୁ ନେଲୁ । ରବି ଋତୁରେ ଯେଉଁ ଅଞ୍ଚଳରେ ଜଳ ଯୋଗାଣର ସୁବିଧା ରହିଥିଲା ସେ ଅଞ୍ଚଳରେ ସଘନ ଚାଷପାଇଁ ଆମେ ପରିକଳ୍ପନାମାନ ଆରମ୍ଭ କଲୁ । ଲୁଣା ମାଡ଼ି ଯାଇଥିବା ଅଞ୍ଚଳରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡଠାରୁ ମିଳିଥିବା ୫ ଟି ରିଗ୍ ସାହାଯ୍ୟରେ ୧୦୦ଟି ଗଭୀର ନଳକୂପ ବସା ଯାଇଛି । ଏଥି ମଧ୍ୟରୁ ପ୍ରତ୍ୟେକଟି, ଖରିଫ ଋତୁରେ ୨୦୦ ଏକର ଓ ରବି ଋତୁରେ ୬୦ ଏକର ଚାଷ ଜମିକୁ ଜଳ ଯୋଗାଇ ଦେବ ବୋଲି ଆଶା କରାଯାଉଛି । ଯେଉଁ ଅଞ୍ଚଳରେ ନଦୀରେ ମଧୁର ଜଳ ମିଳୁଛି, ସେ ସବୁ ଅଞ୍ଚଳରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୩୦୦ ୟୁନିଟ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏ ଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ରବି ଋତୁରେ ୬୦ ଏକର ଏବଂ ଖରିଫ୍ ଋତୁରେ ୨୦୦ ଏକର ଚାଷ ଜମିକୁ ଜଳ ଯୋଗାଇ ଦେବ । ବାତ୍ୟା ବିପନ୍ନ ଅବଶିଷ୍ଟ ଅଞ୍ଚଳରେ ଆଂଶିକଭାବେ ସମବାୟ ସଂସ୍ଥା ଜରିଆରେ ଏବଂ ବାକିତକ ସ୍ଥାନରେ ବ୍ୟବସାୟୀ ବ୍ୟାଙ୍କମାନଙ୍କ ଜରିଆରେ ଅର୍ଥ ବିନିଯୋଗ କରି କୂପ ଖନନ ଓ ଅଳ୍ପ ଗଭୀର ନଳକୂପ ବସାଇବାପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆ ଯାଉଛି । ସମବାୟ ବ୍ୟାଙ୍କଗୁଡ଼ିକ ଜରିଆରେ ଏହି ସବୁ ଯୋଜନାରେ ଅର୍ଥ ବିନିଯୋଗପାଇଁ ଆମେ ଏକ କୋଟି ଟଙ୍କା ବରାଦ କରିଛୁ । ଆଉ ମଧ୍ୟ ସମ ପରିମାଣର ଟଙ୍କା ବ୍ୟବସାୟୀ ବ୍ୟାଙ୍କଗୁଡ଼ିକ ଯୋଗାଇ ଦେବେ ବୋଲି ଆଶା କରାଯାଉଛି । ଏହି ସବୁ ଅର୍ଥ ବିନିଯୋଗ କରି ୨,୦୦୦ ଅଳ୍ପ ଗଭୀର ନଳକୂପ ଏବଂ ୧୦,୦୦୦ କୂପ ଖନନ କରାଯାଇ ପାରିବବୋଲି ଆଶା କରାଯାଉଛି, ଯାହା ଫଳରେ ୫୦,୦୦୦ ଏକରରୁ ଅଧିକ ଜମିକୁ ଜଳ ଯୋଗାଇ ଦିଆଯାଇ ପାରିବ ।

ଚଳିତ ବର୍ଷର ସଘନ ରବି କାର୍ଯ୍ୟକ୍ରମପାଇଁ ଖୁବ୍ କମ୍ ସମୟ ମଧ୍ୟରେ ଦେଶର ସବୁ ଅଞ୍ଚଳରୁ ଅଧିକ ଉତ୍ପାଦନକ୍ଷମ ବିହନ ଆଣି ଆମେ ଚାଷୀମାନଙ୍କୁ ଯୋଗାଇ ଦେଇଛୁ । ଏହା ବ୍ୟତୀତ ବିଭିନ୍ନ ସୂତ୍ରରୁ ରାସାୟନିକ ସାର ସଂଗ୍ରହକରି ଆଭ୍ୟନ୍ତରୀଣ ଅଞ୍ଚଳରେ ପହଞ୍ଚାଇ ଦେବାର ବ୍ୟବସ୍ଥା କରିଛୁ । ଏହାଫଳରେ ରବି ଋତୁରେ ରାଜ୍ୟରେ ସାର ବିନିଯୋଗ ଗତ ରବି ଋତୁ ଅପେକ୍ଷା ଦୁଇ ଗୁଣରୁ ଅଧିକ ହୋଇଛି । ଫସ୍‌ଫେଟ୍ ସାର ବ୍ୟବହାର

ତିନି ଗୁଣ ଏବଂ ପଟାସ୍ ସାର ପାଞ୍ଚ ଗୁଣ ବୃଦ୍ଧି ପାଇଛି । ମାନ୍ୟବର ସଭ୍ୟମାନେ ଶୁଣି ଆନନ୍ଦିତ ହେବେ ଯେ ଓଡ଼ିଶାରେ ସାର ବ୍ୟବହାର ଯେପରି ବୃଦ୍ଧିପାଇଛି, ଆଗରୁ କେବେ ସେପରି ହୋଇ ନ ଥିଲା ଏବଂ ଦେଶର ଅବଶିଷ୍ଟ ରାଜ୍ୟମାନଙ୍କରେ ଓଡ଼ିଶା ତୁଳନାରେ ଏତେ ସାର ବ୍ୟବହୃତ ହୋଇଥିବାର ଦୃଷ୍ଟାନ୍ତ କମ୍ ।

ବାତ୍ୟା ବିପନ୍ନ ଅଞ୍ଚଳମାନଙ୍କରେ ଋଷୀମାନଙ୍କୁ ମୁକ୍ତହସ୍ତରେ ତଗାବୀ ଋଣ ଯୋଗାଇ ଦେବାର ଏକ ନୂତନ ପଦ୍ଧତି ଗ୍ରହଣ କରିବାରୁ ଏହା ବହୁଳାଂଶରେ ସମ୍ଭବପର ହୋଇପାରିଥିଲା । ସମବାୟ ସଂଗଠନ ଗୁଡ଼ିକରେ କେତେକ ତ୍ରୁଟି ଯୋଗୁଁ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତଥିବା ଯୋଗୁଁ ଆମେ ବ୍ଲକ୍ ସଂସ୍ଥାକୁ ଏ ଉଦ୍ଦେଶ୍ୟରେ ବ୍ୟବହାର କଲୁ । ବିହନ, ସାର ଏବଂ ଋଣ ଗୋଟିଏ ସ୍ଥାନରେ ଯୋଗାଇ ଦେବାର ବ୍ୟବସ୍ଥା କରାଗଲା । ଅନେକ ସରକାରୀ ବିଭାଗ ତଥା କର୍ମଚାରୀମାନଙ୍କୁ ଏଥିପାଇଁ ଯଥେଷ୍ଟ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥିଲା । ସେମାନଙ୍କର ସେହି ଶ୍ରମ ସାର୍ଥକ ହୋଇଛି ବୋଲି ମୁଁ ଏଠାରେ ଆନନ୍ଦର ସହିତ ପ୍ରକାଶ କରୁଛି ।

## ଦରଦାମ

୫ । ପରିତୋଷର ବିଷୟ ଏହି ଯେ ଶରଣାର୍ଥୀମାନଙ୍କର ଭରଣପୋଷଣର ଗୁରୁଭାର ସତ୍ତ୍ୱେ ୧୯୬୧ ମସିହାରେ ସର୍ବମୋଟ ମୂଲ୍ୟସୂଚୀ ମାତ୍ର ଶତକଡ଼ା ୩.୯ ଭାଗ ବୃଦ୍ଧି ପାଇଥିଲା । ଖାଦ୍ୟ ପଦାର୍ଥର ଦରଦାମ ୧୯୬୦ ମସିହାରେ ଶତକଡ଼ା ୫.୨ ବଢ଼ି ଯାଇଥିବା ସ୍ଥଳେ ୧୯୬୧ ମସିହାରେ ଶତକଡ଼ା ୧.୮ ଭାଗମାତ୍ର ବୃଦ୍ଧି ପାଇଥିଲା । ସେହି ସମୟ ମଧ୍ୟରେ ଓଡ଼ିଶାର ଶ୍ରମଜୀବୀ ଶ୍ରେଣୀର ଦରଦାମ ସୂଚୀ ୨୪୯ ରୁ ୨୫୯କୁ ବଢ଼ିଥିଲା । ୧୯୬୦-୬୧ ର ପ୍ରଥମ ୬ ମାସ ମଧ୍ୟରେ ଦରଦାମ ସୂଚୀ ୨୫୮କୁ ବୃଦ୍ଧି ପାଇଥିବା ସ୍ଥଳେ ୧୯୬୧-୬୨ ବର୍ଷର ସେହି ସମୟ ମଧ୍ୟରେ ଏହା ୨୫୨ କୁ ହ୍ରାସ ପାଇଥିଲା । ଦରଦାମ ବୃଦ୍ଧି ଏ ପର୍ଯ୍ୟନ୍ତ କୌଣସି ଉଦବେଗର କାରଣ ହୋଇ ନ ଥିଲେ ହେଁ ଖାଦ୍ୟଶସ୍ୟର ବ୍ୟାପକ କ୍ଷୟକ୍ଷତି ଯୋଗୁଁ ବର୍ଷର ଶେଷଆଡ଼କୁ ଏହା ଖରାପ ଆଡ଼କୁ ଗତି କରିବାର ଆଶଙ୍କା ରହିଛି । ସରକାର ଏଦିଗରେ ସଜାଗ ରହିଛନ୍ତି ଓ ଆବଶ୍ୟକ ପଡ଼ିଲେ ସମୁଚିତ ପଦକ୍ଷେପ ନେବେ ।

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା

୬ । ମାନ୍ୟବର ସଭ୍ୟବୃନ୍ଦଙ୍କ ସ୍ମରଣ ଥିବ, ଗତବର୍ଷ ମୁଁ ସୂଚନା ଦେଇଥିଲି ଯେ ରାଜ୍ୟ ଯୋଜନାର ଆକାର ପରିବର୍ଦ୍ଧନ ନିମନ୍ତେ ରାଜ୍ୟ ସରକାର ନିଜର ସମ୍ବଳ ବୃଦ୍ଧି କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାର ଓ ଅର୍ଥ ବିନିଯୋଗକାରୀ ସଂସ୍ଥାଗୁଡ଼ିକରୁ ଅଧିକ ଅର୍ଥ ସଂଗ୍ରହ କରିବାକୁ ଆନ୍ତରିକ ଉଦ୍ୟମ କରି ଆସୁଛନ୍ତି । ମୁଁ ଅତି ଆନନ୍ଦର ସହ ଘୋଷଣା କରୁଛି ଯେ ରାଜ୍ୟର ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ବ୍ୟୟ ବରାଦ, ଯାହାକି ୨୨୩ କୋଟି ଟଙ୍କାରୁ କିଛି କମ୍‌ରେ ଧାର୍ଯ୍ୟ କରାଯାଇଥିଲା, ଆମର ବର୍ତ୍ତମାନର ସମ୍ବଳ ସଂଗ୍ରହ ଉଦ୍ୟମ ଅବ୍ୟାହତ ରହିଲେ ତାହା ୨୬୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଏ । ମୁଁ ଏଠାରେ ଆହୁରି ଉଲ୍ଲେଖ କରିବାକୁ ଚାହେଁ ଯେ ଆମ ଯୋଜନାର ବ୍ୟୟ ବରାଦ ବୃଦ୍ଧି, ରିଜର୍ଭ ବ୍ୟାଙ୍କରୁ ଅନଧିକାର ଭାବେ ଅଧିକ ଅର୍ଥ ଉଠାଣ ଦ୍ୱାରା ଘଟିନାହିଁ, ବରଂ ଅଧିକ ସମ୍ବଳ ସଂଗ୍ରହ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଏହାସତ୍ତ୍ୱେ ରାଜ୍ୟ ସରକାର ନିଜେ ପ୍ରତ୍ୟକ୍ଷ ଭାବରେ ଓ ସରକାରୀ ସଂସ୍ଥାମାନଙ୍କ ଜରିଆରେ ଅର୍ଥ ଲଗାଣର ହାର ଆହୁରି ଅଧିକ ବୃଦ୍ଧି କରିବା ନିମନ୍ତେ ଉତ୍ତରୋତ୍ତର ଉଦ୍ୟମ କରିବେ ।

୭ । ଏହି ପରିପ୍ରେକ୍ଷୀରେ ମୁଁ ୧୯୬୨-୬୩ ପାଇଁ ବଜେଟ ଅଟକଳ ଉପସ୍ଥାପନ କରିବା ପୂର୍ବରୁ ୧୯୬୦-୬୧ ବଜେଟ ହିସାବ ଓ ୧୯୬୧-୬୨ ପାଇଁ ସଂଶୋଧିତ ଅଟକଳର କେତେକ ବିଷୟ ସଂପର୍କରେ ଠିକେ ଠିକେ ସୂଚନା ଦେବି ।

## ୧୯୭୦-୭୧ର ହିସାବ

୮ । ୭·୪୪ କୋଟି ଟଙ୍କା ବଳକା ଜମା ଥାଇ ୧୯୭୦-୭୧ ମସିହାର ହିସାବ ସମାପ୍ତ ହୋଇଥିଲା । ବର୍ଷ ଶେଷର ବଳକା, ମୁଖ୍ୟତଃ ଭାରତ ସରକାରଙ୍କଠାରୁ ମିଳିଥିବା ସ୍ୱତନ୍ତ୍ର ସାହାଯ୍ୟ ଓ ରାଜ୍ୟ ଯୋଜନା ବାବଦରେ କେତେକ ଆର୍ଥିକ ସମ୍ବଳ ଉଦ୍‌ବୃତ୍ତ ରହିବାଯୋଗୁଁ ହୋଇଥିଲା । କେନ୍ଦ୍ରଠାରୁ ଯେଉଁ ଅଧିକ ସାହାଯ୍ୟ ମିଳିଥିଲା ତାହା ୧୯୭୧-୭୨ର ସ୍ୱତନ୍ତ୍ର ଋଣ ସାହାଯ୍ୟ ବାବଦରେ ପରେ ମଞ୍ଜୁରୀ କରିଦିଆଯାଇଛି ଏବଂ ଯୋଜନା ହିସାବ ବାବଦର ବଳକା ସମ୍ବଳ ରାଜ୍ୟର ୧୯୭୧-୭୨ ବାର୍ଷିକ ଯୋଜନାରେ ସାମିଲ କରି ଦିଆଯାଇଛି ।

## ସଂଶୋଧିତ ଅଟକଳ, ୧୯୭୧-୭୨

୯ । ଗତ ଜୁଲାଇ ମାସରେ ମାନ୍ୟବର ସଭ୍ୟମାନେ ଚଳିତ ବର୍ଷର ଯେଉଁ ବଜେଟ ଅଟକଳ ମଞ୍ଜୁର କରିଥିଲେ ସେଥିରେ ୨୬ ଲକ୍ଷ ଟଙ୍କାର ପ୍ରାରମ୍ଭିକ ଜମା ରହିବ ବୋଲି କଳ୍ପନା କରାଯାଇଥିଲା । ବର୍ଷର ନେଣଦେଣ ପରେ ୩·୯୭ କୋଟି ଟଙ୍କା ନିଅଣ୍ଟ ପଡ଼ିଥାନ୍ତା । ପ୍ରାରମ୍ଭିକ ଜମାକୁ ହିସାବକୁ ନେଲେ ୩·୭୧ କୋଟି ଟଙ୍କା ନିଅଣ୍ଟ ଥାଇ ବର୍ଷଶେଷ ହୋଇଥାନ୍ତା । ସଂଶୋଧିତ ଅଟକଳ ଅନୁଯାୟୀ ସରକାରଙ୍କ ହିସାବ ୩୪ ଲକ୍ଷ ଟଙ୍କା ବଳକା ଥାଇ ସମାପ୍ତ ହେବ ବୋଲି ଆମେ ଆଶାକରୁଁ । ପ୍ରାରମ୍ଭିକ ଜମା ବାବଦକୁ ୭·୪୪ କୋଟି ଟଙ୍କା ହିସାବକୁ ନିଆଯାଇ ବର୍ଷର ନେଣଦେଣ ପରେ ୭·୧୦ କୋଟି ଟଙ୍କା ନିଅଣ୍ଟ ପଡ଼ିବ ।

୧୦ । ବଜେଟର ଅଣ-ଯୋଜନା ରାଜସ୍ୱ ହିସାବରେ ୧୪·୬୪ କୋଟି ଟଙ୍କା ନିଅଣ୍ଟଥିଲା । ତାହା ୨୮·୬୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି । କ୍ୟାପିଟାଲ ଆକାଉଣ୍ଟରେ ୮·୪୫ କୋଟି ଟଙ୍କା ବୃଦ୍ଧି ପାଇଛି । ଏହାର ମୁଖ୍ୟ କାରଣ ହେଉଛି ଯେ ରିଲିଫ ଖର୍ଚ୍ଚର ଅଧିକାଂଶ ଭାଗ ରାଜସ୍ୱ ହିସାବରେ ଅନ୍ତର୍ଭୁକ୍ତ କରାଯାଇଥିଲା ବେଳେ କେନ୍ଦ୍ରୀୟ ସାହାଯ୍ୟର କେବଳ ମାତ୍ର ଗ୍ରାଣ୍ଟ ଅଂଶତକ ରାଜସ୍ୱ ହିସାବରେ ଦର୍ଶାଯାଇଛି ଏବଂ ଅବଶିଷ୍ଟ ଋଣ ହୋଇଥିବାରୁ କ୍ୟାପିଟାଲ ଆକାଉଣ୍ଟର ଅନ୍ତର୍ଭୁକ୍ତ ହୋଇଛି ।

୧୧ । ରାଜ୍ୟର ୧୯୭୧-୭୨ ବାର୍ଷିକ ଯୋଜନା ବ୍ୟୟ ଅଟକଳ ୫୩·୫୬ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଥିବା ବିଷୟ ମୁଁ ବଜେଟ ଉପସ୍ଥାପିତ କରିବା ସମୟରେ ସୂଚାଇଥିଲି । ମୁଁ ଆନନ୍ଦର ସହିତ ଜଣାଇବାକୁ ଚାହେଁ ଯେ ମୁଖ୍ୟତଃ ରାଜ୍ୟ ବିଦ୍ୟୁତ୍ ବୋର୍ଡର ଋଣ ସଂଗ୍ରହ ପରିମାଣ ବୃଦ୍ଧି ଓ ସମବାୟ ସମିତିଗୁଡ଼ିକରେ ବିନିଯୋଗ ପାଇଁ ଭାରତର ରିଜର୍ଭ ବ୍ୟାଙ୍କଠାରୁ ଅଧିକା ଅର୍ଥ ମିଳିବା ଫଳରେ ଏହି ବାର୍ଷିକ ଯୋଜନାର ବ୍ୟୟ ଅଟକଳ ୫୫·୪୭ କୋଟି ଟଙ୍କାକୁ ବୃଦ୍ଧି କରିବାରେ ଆମେ ସମର୍ଥ ହୋଇଛୁ । ଏଥିମଧ୍ୟରୁ ରାଜ୍ୟ ସରକାରଙ୍କ ସଂଶୋଧିତ ଅଟକଳରେ ୪୭·୨୭ କୋଟି ଟଙ୍କା ବରାଦ କରାଯାଇଛି ।

୧୨ । ମୁଁ ବର୍ତ୍ତମାନ ଏ ଗୃହରେ ୧୯୭୨-୭୩ ମସିହା ବଜେଟ ଅଟକଳର ମୋଟାମୋଟି ବିବରଣୀ ଉପସ୍ଥାପିତ କରୁଛି ।

## ୧୯୭୨-୭୩ ବଜେଟ ଅଟକଳ

୧୩ । ମୁଁ ଆଗରୁ ଜଣାଇଛି ଯେ ଚଳିତ ବର୍ଷର ହିସାବ ୩୪ ଲକ୍ଷ ଟଙ୍କା ବଳକା ରହି ସମାପ୍ତ ହେବ ବୋଲି ଆମର ଆଶା ଏବଂ ଏହା ୧୯୭୨-୭୩ର ପ୍ରାରମ୍ଭିକ ଜମା ହେବ । ଅଣ-ଯୋଜନା କେନ୍ଦ୍ରୀୟ ଗ୍ରାଣ୍ଟ ଓ ୧୯୬୮-୬୯ର କରଧାର୍ଯ୍ୟ ଭିତ୍ତିରେ ୧୯୭୨-୭୩ରେ ମିଳିଥିବା ଟିକସର ଅଂଶ ଓ ଶୁଳ୍କଗୁଡ଼ିକୁ ମିଶାଇ ରାଜସ୍ୱ ଆୟ ୧୨୭·୭୩ କୋଟି ଟଙ୍କା ଓ ଅଣ-ଯୋଜନା ରାଜସ୍ୱ ବ୍ୟୟ ୧୪୬·୬୧ କୋଟି ଟଙ୍କା ହେବାର ସମ୍ଭାବନା । ଏହିଭଳି ଅଣ-ଯୋଜନା ରାଜସ୍ୱ ନିଅଣ୍ଟ ୧୮·୮୮ କୋଟି ଟଙ୍କା ହେବବୋଲି ସମ୍ଭାବନା ରହିଛି ।

ଯୋଜନାକ୍ଷେତ୍ରରେ କେନ୍ଦ୍ରୀୟ ଯୋଜନା ସମେତ ରାଜସ୍ୱ ହିସାବ ବାବଦ ବ୍ୟୟପାଇଁ ୩୦·୬୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏହି ବ୍ୟୟ ତୁଲାଇବାପାଇଁ ଗ୍ରାଣ୍ଟ ଆକାରରେ କେନ୍ଦ୍ରୀୟ ସାହାଯ୍ୟ ଓ ଅନ୍ୟାନ୍ୟ ଆୟ ୨୧·୧୬ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏଣୁ ୧୯୬୯-୭୦ଠାରୁ ଗ୍ରହଣ କରା ଯାଇଥିବା ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାର ଫଳାଫଳ ଓ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳରୁ ରାଜ୍ୟ ସରକାରଙ୍କୁ ମିଳିଥିବା ଅଂଶକୁ ବିଚାରକୁ ନ ନେଇ ଯୋଜନା କ୍ଷେତ୍ରରେ ରାଜସ୍ୱ ନିଅଣ୍ଟର ପରିମାଣ ୯·୪୯ କୋଟି ଟଙ୍କା ହେବାର ସମ୍ଭାବନା ।

ତେଣୁ ମୁଁ ବର୍ତ୍ତମାନ ଉଲ୍ଲେଖ କରିଥିବା ବିଷୟ ଗୁଡ଼ିକୁ ବାଦଦେଲେ ଉଭୟ ଯୋଜନା ଓ ଅଣ-ଯୋଜନା ବାବଦରେ ମୋଟ ରାଜସ୍ୱ ନିଅଣ୍ଟର ପରିମାଣ ୨୮·୩୭ କୋଟି ଟଙ୍କା ହେଉଛି ।

୧୪ । କ୍ୟାପିଟାଲ ଆକାଉଣ୍ଟର ଅଣ-ଯୋଜନା କ୍ଷେତ୍ରରେ ଆୟ ବ୍ୟୟ ଯଥାକ୍ରମେ ୨୬·୫୨ କୋଟି ଟଙ୍କା ଓ ୫୨·୧୮ କୋଟି ଟଙ୍କା ହୋଇଥିବାର ଅଟକଳ କରାଯାଇଛି । ଏହାଫଳରେ ମିଳିଥିବା ବିଶେଷ ସାହାଯ୍ୟକୁ ବାଦ ଦେଇ ୨୫·୬୬ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ସାଧାରଣଙ୍କଠାରୁ ରାଜ୍ୟ ସରକାର ୯·୯୦ କୋଟି ଟଙ୍କା ଋଣ ଆକାରରେ ପାଇବାର ଯେଉଁ ପ୍ରସ୍ତାବ ରଖିଛନ୍ତି, ତାହା ଏହି ଆୟର ଅନ୍ତର୍ଭୁକ୍ତ । ଋଣ ପରିଶୋଧପାଇଁ ଦରକାର ପଡୁଥିବା ୪୮·୬୪ କୋଟି ଟଙ୍କା ବ୍ୟୟ ଅଟକଳର ଅନ୍ତର୍ଭୁକ୍ତ । ଆମକୁ ଏହି ପରିଶୋଧର ମୁଖ୍ୟ ଅଂଶ ଭାରତ ସରକାରଙ୍କୁ ଦେବାକୁ ପଡ଼ିବ । ଆସନ୍ତା ବର୍ଷକୁ ଏହା ୩୯·୧୫ କୋଟି ଟଙ୍କାରେ ପହଞ୍ଚିବ, ଯାହାକି ପୂର୍ବ ବର୍ଷମାନଙ୍କ ତୁଳନାରେ ସର୍ବାଧିକ । ମୁଁ ଏଠାରେ ସଭ୍ୟ ବୃନ୍ଦଙ୍କୁ ଜଣାଇ ଦେବାକୁ ଚାହେଁ ଯେ ଚଳିତ ବର୍ଷ ଆମେ ଋଣ ପରିଶୋଧ ବାବଦରେ କେନ୍ଦ୍ର ସରକାରଙ୍କୁ ୩୦ କୋଟି ଟଙ୍କା ଦେଉଛୁ । ୧୯୭୨-୭୩ ମଧ୍ୟରେ ଏ ବାବଦ ଦେୟ ହଠାତ୍ ୯ କୋଟି ଟଙ୍କାରୁ ବଢ଼ି ଯାଉଛି । ଏହାର ମୁଖ୍ୟ କାରଣ ହେଉଛି, ଚଳିତ ବର୍ଷ ବନ୍ୟା ଓ ବାତ୍ୟା ସାହାଯ୍ୟ କାର୍ଯ୍ୟପାଇଁ କେନ୍ଦ୍ର ସରକାରଙ୍କଠାରୁ ଅଣାଯାଇଥିବା ଋଣର ଏକ ଅଂଶ ପରିଶୋଧ କରିବାକୁ ପଡ଼ିବ ଓ ବିଶେଷକରି ସ୍ୱଳ୍ପ ମିଆଦୀ ଋଣକୁ ଏକ କିସ୍ତିରେ ପରିଶୋଧ କରିବାକୁ ହେବ । ରାଜ୍ୟର ଋଣ-ଭାରର ବିଶଦ ବିବରଣୀ ବଜେଟ ଭାଷଣର ପରିଶିଷ୍ଟ "କ" ରେ ଦିଆଯାଇଛି ।

୧୫ । କେନ୍ଦ୍ରୀୟ ଉଦ୍ୟୋଗ ସମେତ ଯୋଜନାରେ କ୍ୟାପିଟାଲ ଆକାଉଣ୍ଟ ବାବଦ ଆୟ ଓ ବ୍ୟୟ ଯଥାକ୍ରମେ ୨୪·୬୦ କୋଟି ଟଙ୍କା ଓ ୨୯·୭୧ କୋଟି ଟଙ୍କା ହେବ । ଏହା ଫଳରେ ୫·୧୧ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ଏଣୁ ସ୍ୱତନ୍ତ୍ର ସାହାଯ୍ୟକୁ ବାଦ୍ ଦେଇ କ୍ୟାପିଟାଲ ଆକାଉଣ୍ଟରେ ସର୍ବମୋଟ ନିଅଣ୍ଟର ପରିମାଣ ୩୦·୭୭ କୋଟି ଟଙ୍କା ହେବ ।

୧୬ । ପବ୍ଲିକ ଆକାଉଣ୍ଟରେ ଆୟ ୧୭୧·୬୧ କୋଟି ଟଙ୍କା ଅଟକଳ କରାଯାଇଛି ଏବଂ ଏଥିରୁ ସମ୍ଭାବିତ ବ୍ୟୟ ୧୬୨·୧୭ କୋଟି ଟଙ୍କା ଯାଇ ୯·୪୪ କୋଟି ଟଙ୍କା ବଳକା ରହିବ ।

୧୭ । ଏଣୁ ସ୍ୱତନ୍ତ୍ର ସାହାଯ୍ୟ ବାବଦ ଆୟ, କେନ୍ଦ୍ରର ଅତିରିକ୍ତ ସମ୍ବଳରୁ ରାଜ୍ୟର ଅଂଶ ଓ ରାଜ୍ୟ ସରକାରଙ୍କ ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାକୁ ବାଦ୍ ଦେଲେ ୧୯୭୨-୭୩ରେ ରାଜ୍ୟ ସରକାରଙ୍କର ନେଣ ଦେଣରେ ସର୍ବମୋଟ ୪୯·୭୦ କୋଟି ଟଙ୍କା ନିଅଣ୍ଟ ହେବ ବୋଲି ଆଶା କରାଯାଉଛି । ଏଥି ମଧ୍ୟରୁ ଭାରତ ସରକାରଙ୍କଠାରୁ ୩୫ କୋଟି ଟଙ୍କାର ସ୍ୱତନ୍ତ୍ର ଋଣ ସାହାଯ୍ୟ ଅଣା ଯାଇ ୩୫·୧୦ କୋଟି ଟଙ୍କାର ଅଣ-ଯୋଜନା ନିଅଣ୍ଟ ଭରଣା କରାଯିବ ବୋଲି ଆଶା ରହିଛି । ଅବଶିଷ୍ଟ ୧୪·୬୦ କୋଟି ଟଙ୍କା ରାଜ୍ୟ ଯୋଜନାରେ ନିଅଣ୍ଟହେଉଛି ।

## ଅତିରିକ୍ତ ସମ୍ବଳ ସଂଗ୍ରହ

୧୮ । ଗତବର୍ଷ ମୁଁ ଏହି ଗୃହକୁ ଜଣାଇଥିଲି ଯେ ରାଜ୍ୟ ସରକାର ଚତୁର୍ଥ ପଞ୍ଚ ବାର୍ଷିକ ଯୋଜନା ସମୟ ମଧ୍ୟରେ ୩୫ କୋଟି ଟଙ୍କା ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ସ୍ଥିର କରିଛନ୍ତି । ଏହି ଦାୟିତ୍ୱ ପୂରଣ ନିମନ୍ତେ ଆମେ ବହୁ ବ୍ୟବସ୍ଥା ଗ୍ରହଣ କରି ସାରିଛୁ । ଯେଉଁସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି,

ସେଗୁଡ଼ିକ ହେଲା— ବିକ୍ରୀକର ହାରର ସଂଶୋଧନ, ଭୂମିକର (ଲୋକ୍ସସେସ) ହାରର ବୃଦ୍ଧି, ଷ୍ଟାମ୍ପ ଶୁଳ୍କର ସଂଶୋଧନ, ବିଦ୍ୟୁତ ଶୁଳ୍କ ବୃଦ୍ଧି, ଜଳକର ହାରର ବୃଦ୍ଧି, କେତେକ ଖଣି ରୟାଲ୍‌ଟିର ହାର ବୃଦ୍ଧି, ସରକାରୀ ଜମି ପଟ୍ଟା ଦେବାପାଇଁ ସଲାମି ହାରର ସଂଶୋଧନ, ପ୍ରମୋଦକରର ପରିସର ବୃଦ୍ଧି, ଯାତ୍ରୀଭଡ଼ା ଉପରେ ଟିକସ, ଏକ୍ସପ୍ରେସ୍ ରାସ୍ତାରେ ମାହାସୁଲ (ଟୋଲ) ଧାର୍ଯ୍ୟ, କେନ୍ଦୁପତ୍ର ବ୍ୟବସାୟର ସମୀକରଣ, ମଟର ସ୍ପିରିଟ ବିକ୍ରିଉପରେ ଧାର୍ଯ୍ୟ ଟିକସ ହାରର ବୃଦ୍ଧି ଏବଂ କୃଷି ଆୟକର ପଦ୍ଧତିର ସମୀକରଣ । ଏ ସମସ୍ତ ବ୍ୟବସ୍ଥା ଫଳରେ ୧୯୭୨-୭୩ ମସିହାରେ ୮·୭୫ କୋଟି ଟଙ୍କା ଆୟହେବ ବୋଲି ଆଶା କରାଯାଏ । କାର୍ଯ୍ୟକାରୀ ହୋଇ ସାରିଥିବା ବ୍ୟବସ୍ଥା ଫଳରେ ଯଦିଓ ଆମେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଅଧିକ ଅତିରିକ୍ତ ସମ୍ବଳ ସଂଗ୍ରହ କରି ପାରିବୁ ତଥାପି ଏଦିଗରେ ଆମେ ବିଶେଷ ଉଦ୍ୟମ କରିବା ପାଇଁ ସ୍ଥିର କରିଛୁ ଯାହା ଫଳରେ କି ଆମେ ଆମର ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ସଂପ୍ରସାରିତ କରିପାରିବୁ । ଚାଷଜମି ଉପରେ ପର୍ଯ୍ୟାୟକ୍ରମେ ଟିକସ ପ୍ରବର୍ତ୍ତନପାଇଁ ଆମର ଯେଉଁ ପ୍ରସ୍ତାବ ରହିଛି, ତାହା ନୂତନ ବ୍ୟବସ୍ଥା ଗୁଡ଼ିକ ମଧ୍ୟରେ ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଗ୍ରାମାଞ୍ଚଳ ଆୟରୁ ସମ୍ବଳ ସଂଗ୍ରହ ନିମନ୍ତେ ଏହି ବ୍ୟବସ୍ଥା ଏଭଳି ଭାବେ କରାଯାଇଛି ଯାହା ଫଳରେ କି ଛୋଟ ଛୋଟ ଜମି ମାଲିକଙ୍କୁ ଅତ୍ୟଧିକ ଟିକସ ବୋଝ ବହନ କରିବାକୁ ପଡ଼ିବ ନାହିଁ । ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଲା—ଓଡ଼ିଶା ଜଳସେଚନ ଆଇନ ଓ ନିୟମାବଳୀର ବ୍ୟବସ୍ଥାମତେ ବାଧ୍ୟତାମୂଳକ ମୌଳିକ ଜଳକରର ପୁନଃପ୍ରବର୍ତ୍ତନ । ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି ଯେ ଆମର ଜଳକର ବାବଦ ଆୟ ଜଳସେଚନ ଯୋଜନା ଓ କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟୟର ଅର୍ଦ୍ଧେକ ତୁଲାଇବା ପାଇଁ ମଧ୍ୟ ଯଥେଷ୍ଟ ନୁହେଁ, ସୁଧ ତ ଦୂରର କଥା । ଜଳକର ହାର କମ୍ ଥିବା ଫଳରେ ଅଧିକ ସଂଖ୍ୟକ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଆମର ସାମର୍ଥ୍ୟ ବିଶେଷଭାବେ ସୀମିତ ହୋଇ ପଡ଼ିଛି । ଏହି କାର୍ଯ୍ୟକ୍ରମଦ୍ୱାରା କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ତଥା ଜନସାଧାରଣ ଯଥେଷ୍ଟ ମାତ୍ରାରେ ଉପକୃତ ହେଉଥିବା ବେଳେ ଏଥିନିମନ୍ତେ ଏତେ ଅଧିକ ପରିମାଣର ସରକାରୀ ସାହାଯ୍ୟ ଦିଆଯିବା ଅସଙ୍ଗତ । ଉଭୟ ବିଷୟରେ ବିଧାନସଭାର ଚଳିତ ଅଧିବେଶନରେ ଚିଠାଆଇନ୍ ଆଗତ କରାଯିବ । ନିକଟରେ ଚୂନପଥର ଉପରେ ଖଣି ରୟାଲଟି ବୃଦ୍ଧି କରାଯାଇଛି । ନିମ୍ନ କିସମର ଜଙ୍ଗଲଜାତ ଦ୍ରବ୍ୟ ତଥା ନିମ୍ନଶ୍ରେଣୀର ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ବୃଦ୍ଧି କରିବାପାଇଁ ମଧ୍ୟ ଆମେ ମନସ୍ଥ କରିଛୁ । ଏ ସମସ୍ତ ନୂତନ ବ୍ୟବସ୍ଥା ଫଳରେ ୧୯୭୨-୭୩ ରେ ୨ କୋଟି ଟଙ୍କା ଆୟ ହେବ ବୋଲି ଆଶାକରାଯାଏ । ଏଣୁ ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ସମସ୍ତ ବ୍ୟବସ୍ଥା ଫଳରେ ମୋଟ ଆୟର ପରିମାଣ ୧୦·୭୫ କୋଟି ଟଙ୍କା ହେବ । ଗତବର୍ଷ ମୁଁ ଏ ଗୃହକୁ ଜଣାଇଥିଲି ଯେ ଯେପର୍ଯ୍ୟନ୍ତ ଆମର ଅଣ-ଯୋଜନା ବାବଦ ନିଅଣ୍ଟ ନିର୍ଦ୍ଦିଷ୍ଟ ସୀମାମଧ୍ୟରେ ରହିଥିବ ସେ ପର୍ଯ୍ୟନ୍ତ ରାଜ୍ୟ ଯୋଜନାପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଗୃହୀତ ଅତିରିକ୍ତ ସମ୍ବଳ ମଧ୍ୟରୁ ରାଜ୍ୟର ଅଂଶ ମିଳିପାରିବ ବୋଲି ଭାରତ ସରକାର ସମ୍ମତ ହୋଇଛନ୍ତି । ବର୍ତ୍ତମାନ ବଳବତ୍ତର ଥିବା କେନ୍ଦ୍ରୀୟ ଟିକସ ହାରକୁ ଭିତ୍ତିକରି କେନ୍ଦ୍ରସରକାରଙ୍କ ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାରୁ ଆମ ଅଂଶ ବାବଦରେ ୩·୯୩ କୋଟି ଟଙ୍କା ପାଇବୁ ବୋଲି ଆମେ ଆଶା କରୁଛୁ । ଏଣୁ ମୁଁ ପୂର୍ବରୁ ଉଲ୍ଲେଖ କରିଥିବା ମତେ ୪୯·୭୦ କୋଟି ଟଙ୍କା ମୋଟ ନିଅଣ୍ଟ ଥିବା ସ୍ଥଳେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାରୁ ଏବଂ ବିଶେଷ ସାହାଯ୍ୟ ବାବଦରୁ ମୋଟ ୪୯·୬୮ କୋଟି ଟଙ୍କା ଆୟ ହେବ । ତେଣୁ ବର୍ଷର ନେଣଦେଣ ପରେ ୨ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିବ । ୩୪ ଲକ୍ଷ ଟଙ୍କାର ପ୍ରତ୍ୟାଶିତ ପ୍ରାରମ୍ଭିକ ଜମାକୁ ହିସାବକୁ ନେଲେ ବର୍ଷ ଶେଷରେ ୩୨ ଲକ୍ଷ ଟଙ୍କା ବଳକା ହେବ ବୋଲି ଆମେ ଆଶା କରୁଛୁ । ଯଦି ଭାରତ ସରକାର ବଣ୍ଟନଯୋଗ୍ୟ ଟିକସ ପରିସରଭୁକ୍ତ କେତେକ ଟିକସ ବୃଦ୍ଧି ବ୍ୟବସ୍ଥା ଗ୍ରହଣ କରନ୍ତି, ତାହାହେଲେ ଆମେ ରାଜ୍ୟ ଅଂଶ ବାବଦରେ ଅଧିକ କିଛି ଅର୍ଥ ପାଇ ପାରିବୁ ଏବଂ ଏହି ଅର୍ଥ ରାଜ୍ୟ ଯୋଜନାରେ ସାମିଲ୍ ହେବ ।

୧୯ । ଗତ ଜାନୁଆରୀ ମାସରେ ଆମେ ଯେଉଁ କେତେକ ଅତିରିକ୍ତ ଟିକସ ଧାର୍ଯ୍ୟ କରିଥିଲୁ, ସେ ସମ୍ପର୍କରେ ମୁଁ ବିଶେଷଭାବେ ଉଲ୍ଲେଖ କରିବାକୁ ଯାଉଛି । ବଙ୍ଗଳାଦେଶରୁ ଆସିଥିବା ଶରଣାର୍ଥୀଙ୍କ ପିଛା ଭାରତ ସରକାର ଯେଉଁ ପରିମାଣର ଖର୍ଚ୍ଚ କରିଛନ୍ତି, ସେଦିଗରେ ସାହାଯ୍ୟର ନିଦର୍ଶନ ସ୍ୱରୂପ ଏହି ଟିକସଲବ୍ଧ ଅର୍ଥ ଭାରତ

ସରକାରଙ୍କୁ ଦିଆଯିବ । ପ୍ରମୋଦକର, ମଟରଗାଡ଼ି ଟିକସ ଏବଂ ବିକ୍ରୀଟିକସ ପ୍ରଭୃତିର ବୃଦ୍ଧି ଏହି ଅତିରିକ୍ତ ଟିକସ ଧାର୍ଯ୍ୟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଥିଲା ଏବଂ ଏଥିରୁ ୧୯୭୨-୭୩ ରେ ୩୮ ଲକ୍ଷ ଟଙ୍କା ମିଳିବ ବୋଲି ଆଶା କରାଯାଉଛି । ଏ ସମସ୍ତ ଟିକସଲବ୍ଧ ଅର୍ଥ ଭାରତ ସରକାରଙ୍କୁ ଦେବା ପାଇଁ ପ୍ରସ୍ତାବ ଥିବାରୁ ବଜେଟରେ ସେ ବାବଦରେ ଅର୍ଥ ବ୍ୟବସ୍ଥା କରାଯାଇଛି । ସଂଶୋଧିତ ବ୍ୟୟ ଅଟକଳରେ ବରାଦ କରାଯାଇଥିବା ୯ ଲକ୍ଷ ଟଙ୍କା ବାଦ୍ ଏହି ଅର୍ଥ ବ୍ୟବସ୍ଥା କରାଯାଇଛି ।

## ବାର୍ଷିକ ଯୋଜନା ୧୯୭୨-୭୩

୨୦ । ୧୯୭୨-୭୩ ପାଇଁ ରାଜ୍ୟର ବାର୍ଷିକ ଯୋଜନାର ବ୍ୟୟବରାଦ ଆପାତତଃ ୫୭·୪୨ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି । ପୂର୍ବରୁ ଅତିରିକ୍ତ ଟିକସ ଧାର୍ଯ୍ୟପାଇଁ ଯେଉଁ ନୂଆ ପ୍ରସ୍ତାବ ସମ୍ପର୍କରେ ମୁଁ ଉଲ୍ଲେଖ କରିଛି, ତାହା ଏହି ଗୃହର ଅନୁମୋଦନ ଲାଭ କଲାପରେ ବାର୍ଷିକ ଯୋଜନାର ବ୍ୟୟ ଅଟକଳ ଚୂଡ଼ାନ୍ତ ହେବ । ଏହି ଯୋଜନା ବ୍ୟୟ ତୁଲାଇବା ନିମନ୍ତେ କେନ୍ଦ୍ରୀୟ ସାହାଯ୍ୟ ସ୍ୱରୂପ ୩୧·୦୪ କୋଟି ଟଙ୍କା, ରାଜ୍ୟ ସରକାରଙ୍କ ଚୁକ୍ତିସୂତ୍ରରେ ଋଣବାବଦରୁ ୧·୮୦ କୋଟି ଟଙ୍କା, ରାଜ୍ୟ ବିଦ୍ୟୁତ୍ ବୋର୍ଡର ଖୋଲା ବଜାର ଓ ଚୁକ୍ତିସୂତ୍ର ବାବଦ ଋଣରୁ ୮·୫୮ କୋଟି ଟଙ୍କା, ରାଜ୍ୟ ସରକାରଙ୍କର ଅତିରିକ୍ତ ସମ୍ବଳ ସଂଗ୍ରହ ବାବଦରୁ ପ୍ରାୟ ୧୦·୭୫ କୋଟି ଟଙ୍କା, କେନ୍ଦ୍ର ସରକାରଙ୍କର ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାରୁ ରାଜ୍ୟ ସରକାରଙ୍କ ଅଂଶ ବାବଦ ପ୍ରାୟ ୩·୯୩ କୋଟି ଟଙ୍କା ଏବଂ ରାଜ୍ୟ ବିଦ୍ୟୁତ୍ ବୋର୍ଡର ଅତିରିକ୍ତ ସମ୍ବଳ ସଂଗ୍ରହରୁ ପ୍ରାୟ ୧·୩୨ କୋଟି ଟଙ୍କା ମିଳିବ । ମୁଁ ଗୃହର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ଯେ ୧୯୭୨-୭୩ ପାଇଁ ଯୋଜନା ବାବଦ କେନ୍ଦ୍ରୀୟ ସାହାଯ୍ୟ ଚଳିତ ବର୍ଷ ତୁଳନାରେ ଏକ କୋଟି ଟଙ୍କା କମି ଯାଇଛି । ଏହି ହ୍ରାସ ସତ୍ତ୍ୱେ ଆସନ୍ତା ବର୍ଷର ଯୋଜନା ଅଟକଳ ଚଳିତ ବର୍ଷର ଯୋଜନା ଅଟକଳ ଅପେକ୍ଷା ଯେପରି ୨ କୋଟି ଟଙ୍କା ଅଧିକ ହୁଏ, ସେଥିପ୍ରତି ଆମେ ଦୃଷ୍ଟି ଦେଉଛୁ । ୫୭·୪୨ କୋଟି ଟଙ୍କାର ମୋଟ ବ୍ୟୟ ଅଟକଳ ମଧ୍ୟରୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ୯·୯୦ କୋଟି ଟଙ୍କା ପର୍ଯ୍ୟନ୍ତ ସମ୍ବଳ ସଂଗ୍ରହ କରୁଛନ୍ତି । ଏହି ଅର୍ଥ ରାଜ୍ୟ ସରକାରଙ୍କର ହିସାବ ମଧ୍ୟରେ ଅନ୍ତର୍ଭୁକ୍ତ ହେଉ ନ ଥିବାରୁ, ରାଜ୍ୟ ବଜେଟ୍‌ରେ ଯୋଜନା ବାବଦ ବ୍ୟୟ ଅଟକଳ ୪୭.୫୨ କୋଟି ଟଙ୍କା ବୋଲି ଦର୍ଶାଯାଇଛି । ୧୯୭୨-୭୩ର ବଜେଟ୍ ଅଟକଳରେ ବରାଦ କରା ଯାଇଥିବା ୪୭.୪୪ କୋଟି ଟଙ୍କାର ସବିଶେଷ ବିବରଣ ପରିଶିଷ୍ଟ 'ଖ' ରେ ଦିଆ ଯାଇଛି ।

୨୧ । ୧୯୭୨-୭୩ ଯୋଜନା ବ୍ୟୟ ପାଇଁ ଧାର୍ଯ୍ୟ ୫୭·୪୨ କୋଟି ଟଙ୍କା ବିଭିନ୍ନ ଉନ୍ନୟନ ଯୋଜନା ନିମନ୍ତେ ସମୁଚିତ ଧ୍ୟାନଦେଇ ବଣ୍ଟନ କରାଯାଇଛି । ଏହି ବ୍ୟୟବରାଦବେଳେ ଉତ୍ପାଦନ ତଥା ଅଗ୍ରାଧିକାର କ୍ଷେତ୍ରର ଆବଶ୍ୟକତା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି । ଏହା ବ୍ୟତୀତ କାର୍ଯ୍ୟକାରୀ ହେଉଥିବା ଜଳସେଚନ ଓ ବିଦ୍ୟୁତ ଯୋଜନାଗୁଡ଼ିକ ଶୀଘ୍ର ସଂପୂର୍ଣ୍ଣ କରାଯିବା ଏବଂ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପ୍ରତି ଲକ୍ଷ୍ୟରଖି ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳର ବିକାଶ ତଥା ଅଧିକ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରିବା ପ୍ରତି ଗୁରୁତ୍ୱ ଦିଆଯାଇଛି । ସମୁଦାୟ ବ୍ୟୟ ଅଟକଳ ମଧ୍ୟରୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମପାଇଁ ଶତକଡ଼ା ୨୨·୮ ଭାଗ, ଜଳସେଚନ ଓ ବିଦ୍ୟୁତ୍‌ପାଇଁ ଶତକଡ଼ା ୪୪·୫ ଭାଗ, ଶିଳ୍ପ ଓ ଖଣିଜ ବାବଦରେ ଶତକଡ଼ା ୩·୬ ଭାଗ, ପରିବହନ ଓ ଯୋଗାଯୋଗ ପାଇଁ ଶତକଡ଼ା ୬.୬ ଭାଗ ଏବଂ ସମାଜ ସେବାପାଇଁ ଶତକଡ଼ା ୨୧·୯ ଭାଗ ବରାଦ କରାଯାଇଛି ।

୨୨ । ରାଜ୍ୟ ଯୋଜନା ବ୍ୟତୀତ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ପରିଚାଳିତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ୧୨·୭୦ କୋଟି ଟଙ୍କା ବରାଦ କରାଯାଇଛି । ଏହାଛଡ଼ା ଗ୍ରାମାଞ୍ଚଳଲୋକଙ୍କର କର୍ମସଂସ୍ଥାନ ଉଦ୍ଦେଶ୍ୟରେ 'କ୍ରାସ ପ୍ରୋଗ୍ରାମ' ଓ ଗ୍ରାମ୍ୟ ନିର୍ମାଣ କାର୍ଯ୍ୟକ୍ରମ ଭଳି ସ୍ୱତନ୍ତ୍ର ପରିକଳ୍ପନାପାଇଁ ୩·୭୦ କୋଟି ଟଙ୍କା ବରାଦ କରାଯାଇଛି । ଜାତୀୟ ରାଜପଥ ଭଳି କେତେକ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟର ବେଗକୁ ବିଶେଷ ଭାବରେ ତ୍ୱରାନ୍ୱିତ କରାଯାଇଛି । ୧୯୭୨-୭୩ରେ ଏହି କାର୍ଯ୍ୟକ୍ରମପାଇଁ ପ୍ରାୟ ୫ ରୁ ୬ କୋଟି ପର୍ଯ୍ୟନ୍ତ ଟଙ୍କା ଆଣି ଏଦିଗରେ ବିନିଯୋଗ କରିବାପାଇଁ ଆମେ ଆଶାକରୁଛୁ । ଗ୍ରାମ୍ୟ ବିଦ୍ୟୁତ୍ କରଣ କରପୋରେସନ୍ ଠାରୁ ଋଣ ଆକାରରେ ଅର୍ଥ ସାହାଯ୍ୟ ଆଣି ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରାଯାଉଛି ସେଗୁଡ଼ିକୁ

ତ୍ୱରାନ୍ୱିତ କରିବାପାଇଁ ପ୍ରସ୍ତାବ ରହିଛି ଏବଂ ୧୯୬୨-୬୩ ରେ ଏ ବାବଦରେ ପ୍ରାୟ ୬ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାପାଇଁ ଆମେ ଆଶା କରୁଛୁ । କେନ୍ଦ୍ରୀୟ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକରୁ ରାଜ୍ୟ ସରକାରୀ ଉଦ୍ୟୋଗ ଗୁଡ଼ିକ ପାଇଁ ଅଧିକ ପରିମାଣର ଆର୍ଥିକ ସାହାଯ୍ୟ ମିଳିବା ନିମନ୍ତେ ବ୍ୟବସ୍ଥା କରାଯାଉଛି । ମୋଟାମୋଟି ଭାବେ ପାଣିପାଗ ପରିସ୍ଥିତି ଅନୁକୂଳ ରହିଲେ ୧୯୬୨-୬୩ ରେ ରାଜ୍ୟର ଅର୍ଥନୈତିକ ପ୍ରଗତିର ବେଗ ତ୍ୱରାନ୍ୱିତ ହୋଇପାରିବ ବୋଲି ଆମର ଆଶା ।

୨୩ । ମାନ୍ୟବର ସଭ୍ୟମାନଙ୍କର ସ୍ମରଣଥିବଯେ ଆମ ମିଳିତ ସାମୁଖ୍ୟ ସରକାର ଏକ ୧୬-ଦଫା ସମ୍ବଳିତ କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରଧାନ ଆଭିମୁଖ୍ୟ ହେଉଛି ରାଜ୍ୟରେ ଉନ୍ନୟନର ବେଗକୁ ତ୍ୱରାନ୍ୱିତ କରିବା, ଯାହା ଫଳରେ କି ଅନ୍ୟାନ୍ୟ ରାଜ୍ୟ ଏବଂ ଆମ ରାଜ୍ୟ ମଧ୍ୟରେ ଯେଉଁଆଞ୍ଚଳିକ ବୈଷମ୍ୟ ବର୍ତ୍ତମାନ ରହିଛି ତାହା କ୍ରମଶଃ ହ୍ରାସ ପାଇପାରିବ । ଏ ଦିଗରେ ସଫଳତା ହାସଲ ନିମନ୍ତେ ଆମ ପ୍ରଚେଷ୍ଟାର ପ୍ରଥମ ପଦକ୍ଷେପ ସ୍ୱରୂପ ଆମେ ରାଜ୍ୟ ଯୋଜନାରେ ଅର୍ଥ ବିନିଯୋଗ କାର୍ଯ୍ୟକ୍ରମର ଆକାର ବଢ଼ାଇବାକୁ ଉଦ୍ୟମ କରୁଛୁ । ବିଶେଷତଃ ଜଳସେଚନ, ବିଦ୍ୟୁତ୍ ଓ କୃଷି ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି କରାଯାଉଛି । ଦ୍ୱିତୀୟତଃ ଖଣିଜ ସମ୍ପଦର ବିକାଶ ତଥା ଖଣିଜଦ୍ରବ୍ୟ ଭିତ୍ତିକ ଶିଳ୍ପ କାରଖାନା ପ୍ରତିଷ୍ଠା ସମ୍ପର୍କୀୟ ଯୋଜନାଗୁଡ଼ିକ ଯେପରି ତୁରନ୍ତ କାର୍ଯ୍ୟକାରୀହେବ ସେଥିନିମନ୍ତେ ଆମେ ଜୋରସୋରରେ ଉଦ୍ୟମ ଚଳାଇଛୁ । ଏହି ଯୋଜନାଗୁଡ଼ିକ ସ୍ୱତନ୍ତ୍ର ଭାରତ ସରକାରଙ୍କ ସହିତ ମିଳିତଭାବେ ଅଥବା ରାଜ୍ୟ କର୍ପୋରେସନଗୁଡ଼ିକ ଜରିଆରେ କାର୍ଯ୍ୟକାରୀ କରାଯିବ । ମଲଙ୍ଗଟୋଲି ଅଞ୍ଚଳରେ ଲୌହପିଣ୍ଡ କାରଖାନା, ସୁକିନ୍ଦା ନିକେଲ କାରଖାନା, ସରଗିପାଲି ସୀସା କାରଖାନା, ଫେରୋ ଭାନାଡ଼ିୟମ, ଫରମଡ୍ କୋକ୍ ଓ ସ୍ପଞ୍ଜ ଲୌହ କାରଖାନା ପ୍ରଭୃତି ଏଭଳି ଯୋଜନା ଗୁଡ଼ିକ ମଧ୍ୟରେ ଅନ୍ୟତମ । ତୃତୀୟତଃ ନୂତନ ରେଳପଥ ନିର୍ମାଣ ଓ ପାରାଦୀପ ବନ୍ଦରର ସମ୍ପ୍ରସାରଣ ସମେତ ପରିବହନ ସୁବିଧା ସୁଯୋଗର ଦ୍ରୁତ ବିକାଶ ପାଇଁ ଆମେ ଉଦ୍ୟମ କରୁଛୁ । ଚତୁର୍ଥତଃ ଆମ ସାମୁଦ୍ରିକ ସମ୍ବଳ ବିଶେଷକରି ମତ୍ସ୍ୟ ସମ୍ପଦର ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ପଦକ୍ଷେପ ନିଆଯାଉଛି । ଶେଷରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା, ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ୍ କାରଖାନା ସ୍ଥାପନ ପାଇଁ ଯେପରି ଶୀଘ୍ର ନିଷ୍ପତ୍ତି ନିଆଯାଏ ସେ ଦିଗରେ ଆମେ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରୁଛୁ । ଗଣତାନ୍ତ୍ରିକ ଶାସନ ପଦ୍ଧତିର ବିକେନ୍ଦ୍ରୀକରଣ ବ୍ୟବସ୍ଥାକୁ ଅବ୍ୟାହତ ରଖିବା ଉଦ୍ଦେଶ୍ୟରେ ଜିଲ୍ଲା ପରିଷଦଗୁଡ଼ିକର ପୁନଃପ୍ରବର୍ତ୍ତନ ଦିଗରେ ମଧ୍ୟ ଆମେ ପଦକ୍ଷେପ ନେଉଛୁ । ଏହାଫଳରେ ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତୁରନ୍ତ ସମ୍ପନ୍ନ ହୋଇପାରିବ । ମୁଁ ବର୍ତ୍ତମାନ ୧୯୬୨-୬୩ ପାଇଁ ପ୍ରସ୍ତାବିତ କେତେକ ବିକାଶମୂଳକ କାର୍ଯ୍ୟକ୍ରମର ମୋଟାମୋଟି ରୂପରେଖ ସମ୍ପର୍କରେ ଗୃହରେ ସୂଚନା ଦେବାକୁ ଚାହେଁ । ଏହି ବିବରଣୀ ଦେବାବେଳେ ମିଳିତ କାର୍ଯ୍ୟକ୍ରମର ବିଭିନ୍ନ ଦିଗରେ ଘଟିଥିବା ଅଗ୍ରଗତି ସମ୍ପର୍କରେ ମଧ୍ୟ ମୁଁ ସୂଚନା ଦେବି ।

## କୃଷି

୨୪ । ରାଜ୍ୟରେ କୃଷିର ବିକାଶପ୍ରତି ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ । ରାଜ୍ୟ ଆୟର ବେଶି ଭାଗ କୃଷିରୁ ହିଁ ମିଳିଥାଏ ଏବଂ କୃଷିକାର୍ଯ୍ୟରେ ରାଜ୍ୟର ତିନି ଚତୁର୍ଥାଂଶ ଶ୍ରମଜୀବୀଙ୍କର କର୍ମସଂସ୍ଥାନ ହୋଇ-ଥାଏ । କୃଷିର ବିକାଶ ଫଳରେ, ବିଶେଷ କରି ବହୁଫସଲ ଚାଷ ଏବଂ ଆଧୁନିକ ତଥା ସଘନ କୃଷି ପ୍ରଣାଳୀ ଅବଲମ୍ବନ କରାଗଲେ, ଗ୍ରାମାଞ୍ଚଳରେ ବ୍ୟାପକ କର୍ମସଂସ୍ଥାନର ବ୍ୟବସ୍ଥା ହୋଇପାରିବ । ବିଭିନ୍ନ କାର୍ଯ୍ୟ-କ୍ରମ ଜରିଆରେ ଆମେ ଏହି ଲକ୍ଷ୍ୟ ହାସଲ କରି ପାରିବୁ । ଚଳିତ ବର୍ଷ ଏ ବାବଦରେ ଖର୍ଚ୍ଚ କରିବା ନିମନ୍ତେ ୨୪୦.୦୨ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ଆଗାମୀ ବର୍ଷ ଏହାକୁ ୩.୫୩ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି । ୧୯୬୨-୬୩ ମସିହାରେ ୬୫ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ରାସାୟନିକ ସାର ପ୍ରୟୋଗ, ଜଳ ସେଚନ ସୁବିଧା, କୀଟନାଶକ ଔଷଧ ତଥା ଉନ୍ନତ ବିହନର ବ୍ୟବହାର ଯେପରି ଅଧିକରୁ ଅଧିକ ବୃଦ୍ଧି ପାଉଛି, ତାହା ଫଳରେ ଆମେ ଏହି ଲକ୍ଷ୍ୟ ହାସଲ କରି-ପାରିବୁ ବୋଲି ଆଶାକରୁଛୁ । ୧୯୬୧-୬୨ ମସିହାରେ ଅର୍ଥକରୀ ଫସଲ ଉତ୍ପାଦନ ବିଶେଷ ସନ୍ତୋଷଜନକ

ହୋଇଛି । ୧୯୭୨-୭୩ ମସିହାରେ ୨.୭୦ ଲକ୍ଷ ଟନ୍ ବୈଜବୀଜ ଓ ୨.୭୮ ଲକ୍ଷଟନ୍ ଗୁଡ଼ ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୬ ଲକ୍ଷ ଗାଣ୍ଠି ଝୋଟ ଓ ମେସ୍ତା ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି, ଯାହାକି ଚଳିତ ବର୍ଷର ଉତ୍ପାଦନ ତୁଳନାରେ ଶତକଡ଼ା ପ୍ରାୟ ୧୨ ଭାଗ ଅଧିକ । ବହୁଫସଲି ଚାଷ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ହେକଟର୍ ଜମିକୁ ସଂପ୍ରସାରିତ କରଯିବ । ବହୁଳ ଅମଳକ୍ଷମ ଫସଲ ଉତ୍ପାଦନ କାର୍ଯ୍ୟକ୍ରମ ଅନୁଯାୟୀ ୨.୯୦ ଲକ୍ଷ ହେକ୍ଟର ଜମିରେ ଧାନ, ୧୫,୦୦୦ ହେକଟର ଜମିରେ ଗହମ ଓ ୧୦,୦୦୦ ହେକ୍ଟର ଜମିରେ ମକା ଚାଷ କରାଯାଇଥିବା ସ୍ଥଳେ, ବର୍ତ୍ତମାନ ୫ ଲକ୍ଷ ହେକ୍ଟର ଜମିରେ ଧାନ, ୨୫,୫୦୦ ହେକ୍ଟର ଜମିରେ ଗହମ ଓ ୨୫,୦୦୦ ହେକ୍ଟର ଜମିରେ ମକା ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମଗ୍ର ରାଜ୍ୟରେ କୂପ ଖନନ ଓ ଅଳ୍ପ ଗଭୀର ନଳକୂପ ସ୍ଥାପନ ନିମନ୍ତେ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ସରକାର ଏଥିପାଇଁ ଖର୍ଚ୍ଚର ଶତକଡ଼ା ୨୫ ଭାଗ ସାହାଯ୍ୟ ଆକାରରେ ଦେବେ । ଏହାଛଡ଼ା ସ୍ୱତନ୍ତ୍ର ପରିକଳ୍ପନା ଅଞ୍ଚଳ ଗୁଡ଼ିକରେ ଛୋଟ ଚାଷୀ ଓ ଅତି ଛୋଟ ଚାଷୀ ସଂସ୍ଥା କରିଆରେ ମନୋନୀତ ଚାଷୀମାନଙ୍କୁ ଶତକଡ଼ା ପଚିଶରୁ ସାଢ଼େ ତେତିଶ ଭାଗ ପର୍ଯ୍ୟନ୍ତ ସାହାଯ୍ୟ ଦେବାପାଇଁ ବ୍ୟବସ୍ଥା ରହିଛି । ଚାଷୀମାନେ, ବିଶେଷକରି ଛୋଟ ଚାଷୀମାନେ ଏଭଳି ସୁବିଧା ସୁଯୋଗ ଯେପରି ନ ହରନ୍ତି ସେ ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଅନୁରୋଧ କରୁଛି ।

## ଭୂ-ସଂସ୍କାର

୨୫ । ସାମାଜିକ ନ୍ୟାୟ ପ୍ରତିଷ୍ଠା ଦୃଷ୍ଟିରୁ ଭୂ-ସଂସ୍କାର ଅତୀବ ଗୁରୁତ୍ୱପୂର୍ଣ୍ଣ । ଏଥି ସଙ୍ଗେ ସଙ୍ଗେ କୃଷି ଉତ୍ପାଦନର ହାର ନିରବଚ୍ଛିନ୍ନଭାବେ ବୃଦ୍ଧି କରିବା ଦିଗରେ ଏହା ଏକାନ୍ତ ପ୍ରୟୋଜନ ବୋଲି ଆମେ ବିଶ୍ୱାସ କରୁ । ସମାଜବାଦ ପ୍ରତିଷ୍ଠା ନିମନ୍ତେ ଆମ ରାଷ୍ଟ୍ର ବଦ୍ଧପରିକର ହୋଇଥିବାରୁ ଭୂ-ସଂସ୍କାର ଏ ଦିଗରେ ଏକ ନିର୍ଦ୍ଦିଷ୍ଟ ପଦକ୍ଷେପ । ମାନ୍ୟବର ସଦସ୍ୟଗଣ ଅବଗତ ଅଛନ୍ତି ଯେ ଓଡ଼ିଶା ଭୂ ସଂସ୍କାର ଆଇନ ୧୯୬୨ ମସିହା ଅକ୍ଟୋବର ମାସଠାରୁ କାର୍ଯ୍ୟକାରୀ କରାଯାଇଥିଲେ ସୁଦ୍ଧା ଜମିର ସର୍ବୋଚ୍ଚ ସୀମା ଧାର୍ଯ୍ୟ ସମ୍ପର୍କିତ ଚତୁର୍ଥ ପରିଚ୍ଛେଦ ମାଲିମୋକଦ୍ଦମା ଫଳରେ କାର୍ଯ୍ୟକାରୀ ହୋଇ ପାରି ନଥିଲା । ମାନ୍ୟବର ସୁପ୍ରିମ କୋର୍ଟରେ ହୋଇଥିବା ଅପିଲର ଫଇସଲା ପରେ ରାଜ୍ୟ ସରକାର ୧୯୭୨ ଜାନୁଆରୀ ୭ ତାରିଖଠାରୁ ଉକ୍ତ ପରିଚ୍ଛେଦକୁ କାର୍ଯ୍ୟକାରୀ କରିଛନ୍ତି । ଜମିର ସର୍ବୋଚ୍ଚ ସୀମା ବାହାରେ ଉଦ୍‌ବୃତ୍ତ ଜମିପାଇଁ କ୍ଷତି ପୂରଣ ଦେବା ଉଦ୍ଦେଶ୍ୟରେ, ୧୯୭୨-୭୩ ମସିହା ବଜେଟ୍‌ରେ ସ୍ୱଳ୍ପ ପରିମାଣର ଅର୍ଥ ବ୍ୟବସ୍ଥା କରାଯାଇଛି । ଏ ଦିଗରେ ଅଧିକ ଅର୍ଥ ବରାଦ କରାଯିବା ସଙ୍ଗେ ସଙ୍ଗେ ଭୂ-ସଂସ୍କାର ଆଇନ ଅନୁଯାୟୀ ସର୍ବୋଚ୍ଚ ସୀମା ବାହାରେ ବଳକା ଜମିକୁ ପାର୍ଶ୍ୱବର୍ତ୍ତୀ ରୟତ ଏବଂ ଭୂମିହୀନ କୃଷି ଶ୍ରମିକ ଇତ୍ୟାଦିଙ୍କ ନାମରେ ବନ୍ଦୋବସ୍ତ କରାଯିବ । ଚାଷଜମିର ଚକବନ୍ଦୀ କାର୍ଯ୍ୟକ୍ରମ ପ୍ରତି ମଧ୍ୟ ଆମେ ବିଶେଷ ଗୁରୁତ୍ୱ ଦେଉଛୁ । ଚାଷଜମିଗୁଡ଼ିକ ଆଉ ଯେପରି ଅଧିକ ଭାଗଭାଗ ହୋଇନଯାଏ ସେ ଉଦ୍ଦେଶ୍ୟରେ ଏବଂ ଜମିର ଚକବନ୍ଦୀ ଉଦ୍ଦେଶ୍ୟରେ ଚିଠା ଆଇନ ବିଧାନସଭାରେ ଆଗତ କରାଯାଇଛି । ୧୯୭୨-୭୩ ମସିହାରେ ଜମିର ଚକବନ୍ଦୀ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ରାଜ୍ୟ ସରକାର ପ୍ରସ୍ତାବ କରିଛନ୍ତି । ଏ ଉଦ୍ଦେଶ୍ୟରେ ଏକ ବଡ଼ ଧରଣର ସଂଗଠିତ ସଂସ୍ଥା ସ୍ଥାପନ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ କରାଯାଉଛି । ପ୍ରାୟ ଦଶ ବର୍ଷ ମଧ୍ୟରେ ସାରା ରାଜ୍ୟରେ ଜମିର ଚକବନ୍ଦୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାହେଲା ଆମର ଲକ୍ଷ୍ୟ । ଯେଉଁ ଅଞ୍ଚଳର ଗ୍ରାମ ମାନଚିତ୍ର ତଥା ଜମିର ରେକର୍ଡ଼ପତ୍ର ନାହିଁ ସେ ସବୁ ଅଞ୍ଚଳ ବ୍ୟତୀତ ରାଜ୍ୟର ସବୁ ଜିଲ୍ଲାର ସୁବିଧାଥିବା ଅଞ୍ଚଳରେ ଜମିର ଚକବନ୍ଦୀ କାମ ହାତକୁ ନେବା ପାଇଁ ସ୍ଥିର ହୋଇଛି ।

୨୬ । ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ୍ ଅନୁଯାୟୀ ସାରା ରାଜ୍ୟର ୪,୩୩,୦୦୦ଟି ମଧ୍ୟ-ସ୍ୱତ୍ୱାଧିକାରୀ ଇଷ୍ଟେଟ୍ ମଧ୍ୟରୁ ୪,୨୧,୦୦୦ଟି ଉଚ୍ଛେଦ କରାଯାଇଛି ଏବଂ ଅନ୍ୟ ଗୁଡ଼ିକର ଉଚ୍ଛେଦ ପ୍ରଶ୍ନ ବିଚାରାଧୀନ ରହିଛି । ଉଚ୍ଛେଦ କରାଯାଇଥିବା ଜମିଦାରୀ ମଧ୍ୟରୁ ୧୪,୦୦୦ରୁ ଊର୍ଦ୍ଧ୍ୱ ଜମିଦାରୀ ଟ୍ରାଇବୁନାଲଦ୍ୱାରା ଟ୍ରଷ୍ଟ ଇଷ୍ଟେଟ୍ ରୂପେ ଘୋଷଣା କରାଯାଇଛି । ଟ୍ରଷ୍ଟ ସମ୍ପତ୍ତିର ସୁପରିଚାଳନା ନିମନ୍ତେ ସରକାର ବିଧାନସଭାର ଚଳିତ ଅଧିବେଶନରେ ଏକ ଚିଠାଆଇନ ଆଗତ କରିବେ ।

## ଜଳସେଚନ

୨୭ । ଓଡ଼ିଶାଭଳି ଏକ କୃଷି ପ୍ରଧାନ ରାଜ୍ୟରେ ଜଳସେଚନ ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ । କିନ୍ତୁ ରାଜ୍ୟର ସୀମିତ ସମ୍ବଳ ଯୋଗୁଁ ବୃହତ, ମଧ୍ୟମ, କ୍ଷୁଦ୍ର ଏବଂ ଉଠାଜଳସେଚନ ପରିକଳ୍ପନା ଗୁଡ଼ିକପାଇଁ ୯୯୨ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରିବାପାଇଁ ଆମେ ସମର୍ଥ ହୋଇଛୁ । ୧୯୭୨-୭୩ ମସିହାରେ ବୃହତ ଓ ମଧ୍ୟମ ଧରଣର ଜଳସେଚନ ଯୋଜନା ଜରିଆରେ ଅଧିକ ଦୁଇଲକ୍ଷ ଏକର ଜମିକୁ ଜଳ ସେଚିତ କରାଯିବାର ପ୍ରସ୍ତାବ ରହିଛି । ସାଳନ୍ଦୀ ଜଳସେଚନ ଯୋଜନାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଲଣି ଏବଂ ଆଗାମୀ ବର୍ଷ ମଧ୍ୟରେ ଏହାର ଜଳ ସମ୍ପୂର୍ଣ୍ଣରୂପେ ସଦୁପଯୋଗ ହୋଇ ପାରିବ ବୋଲି ଆଶା କରାଯାଏ । ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ୧୧ ଟି ମଧ୍ୟମ ଧରଣର ଜଳସେଚନ ଯୋଜନାକୁ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନିଆଯାଇଛି । ଅନୁନ୍ନତ ଅଞ୍ଚଳ ଓ ଅନବରତ ମରୁଡ଼ି ଫଳରେ କ୍ଷତିଗ୍ରସ୍ତ ଅଞ୍ଚଳର ଜଳସେଚନ ଆବଶ୍ୟକତାକୁ ଆଖି ଆଗରେ ରଖି ଏବଂ ଯେଉଁସବୁ ଅଞ୍ଚଳରେ ଜଳସେଚନର କ୍ୱଚିତ୍ ସୁବିଧା ରହିଛି, ସେସବୁ ଅଞ୍ଚଳ ପ୍ରତି ଦୃଷ୍ଟିରଖି; ବହୁ ସଂଖ୍ୟକ ଜଳସେଚନ ଯୋଜନାର ଅନୁସନ୍ଧାନ ନିମନ୍ତେ ଏକ ସୁସଙ୍ଗତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ୧୯୭୨-୭୩ ମସିହାରେ ଆନନ୍ଦପୁର ବାରେଜ୍ ଏବଂ ଅଙ୍ଗ, ଜଳା, ଦାଡ୍ରାଘାଟୀ, ସୁନ୍ଦର, ସାଇଁପାଳ, ଘମିଆଇ ଓ ଖଡ଼କେଇ—ଏହି ୭ ଟି ନୂତନ ମଧ୍ୟମ ଜଳସେଚନ ଯୋଜନାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତାବ କରାଯାଇଛି ।

୨୮ । କ୍ଷୁଦ୍ର ଜଳସେଚନ ଯୋଜନା କ୍ଷେତ୍ରରେ ତୃତୀୟ ଯୋଜନା ସମୟରୁ ଗଢ଼ି ଆସୁଥିବା ୯୧ ଗୋଟି ଯୋଜନା ବ୍ୟତୀତ ବିଭିନ୍ନ ଜିଲାରେ ଆଉ ୫୨ ଗୋଟି ନୂତନ ଯୋଜନା ଆରମ୍ଭ କରାଯାଇଛି । ଯଦିଓ ଚଳିତ ବର୍ଷ ମାତ୍ର ୬ ହଜାର ହେକ୍ଟର ଅଧିକ ଜମିକୁ ଜଳ ଯୋଗାଇ ଦେବା ସମ୍ଭବ ହୋଇଥିଲା, ୧୯୭୨-୭୩ ରେ ଅନେକ ଗୁଡ଼ିଏ କ୍ଷୁଦ୍ର ଜଳସେଚନ ଯୋଜନା ସମ୍ପୂର୍ଣ୍ଣ ହେଲେ ଅଧିକା ୧୨,୬୦୦ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇ ପାରିବ । ଆମ୍ଭେମାନେ ଆଉ ଏକ ନୂତନ ପରିକଳ୍ପନା ପ୍ରବର୍ତ୍ତନ କରିବାକୁ ଯାଉଛୁ ଯାହା ଫଳରେ କି ଭବିଷ୍ୟତରେ ଯଥାସମ୍ଭବ ସଡ଼କ-ପୋଲ ଗୁଡ଼ିକୁ ପୋଲ ତଥା ବନ୍ଧରୂପେ ନିର୍ମାଣ କରାଯିବ । ଏହା ଦ୍ୱାରା ପୋଲ ନିର୍ମାଣ ସଙ୍ଗେ ସଙ୍ଗେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକୁ ଜଳସେଚନର ସୁବିଧା ମିଳିବ । ବର୍ତ୍ତମାନ ଥିବା ପୋଲଗୁଡ଼ିକୁ ଆହୁରି ମଜବୁତ କରଯିବାର ବୈଷୟିକ ସମ୍ଭାବନା ସମ୍ପର୍କରେ ଆମ୍ଭେମାନେ ପରୀକ୍ଷା କରିଦେଖୁଛୁ । ସେ ସମସ୍ତ ସ୍ଥାନରୁ ଜଳର ଗତିପଥ ପରିବର୍ତ୍ତନ ଯେଉଳି ହୋଇ ପାରିବ, ସେଥି ନିମନ୍ତେ ଆବଶ୍ୟକୀୟ ଅଦଳବଦଳ କରୁଛୁ । ଏହା ଫଳରେ ଖୁବ୍ ଅଳ୍ପ ସମୟ ମଧ୍ୟରେ ବ୍ୟାପକ ଅଞ୍ଚଳରେ ଜଳସେଚନର ସୁବିଧା ଯୋଗାଇ ଦେବାପାଇଁ ଆମେ ସମର୍ଥ ହୋଇ ପାରିବୁ ।

୨୯ । ବେସରକାରୀ ଉଦ୍ୟମରେ ଉଠାଜଳସେଚନ ଯୋଜନା ଗୁଡ଼ିକ ଉତ୍ସାହଜନକ ଭାବେ କାର୍ଯ୍ୟକାରୀ ହେଉନାହିଁ । ଏଣୁ ସରକାରୀ ଖର୍ଚ୍ଚରେ ଅଧିକ ଉଠାଜଳସେଚନଯୋଜନା ବିଭାଗୀୟ ଉଦ୍ୟମରେ କାର୍ଯ୍ୟକାରୀ କରିବାପାଇଁ ଆମେ ସ୍ଥିର କରିଛୁ । ଏହା ସତ୍ତ୍ୱେ ପୂର୍ବଭଳି ବେସରକାରୀ କ୍ଷେତ୍ରରେ ଉଠା ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ କରିବା ନିମନ୍ତେ ଯେଉଁ ସୁବିଧା ସୁଯୋଗ ଦିଆଯାଉଥିଲା ତାହା ଅବ୍ୟାହତ ରହିବ । ଚଳିତ ବର୍ଷ ମଧ୍ୟରେ ବାତ୍ୟା ବିପନ୍ନ ଅଞ୍ଚଳରେ ଗଭୀର ନଳକୂପ ବସାଇବା ନିମନ୍ତେ ଆମ୍ଭେମାନେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ସାହାଯ୍ୟ ଲୋଡ଼ୁଛୁ । ୮୮୦୦ ହେକ୍ଟର ଅଧିକ ଜମିକୁ ଉଠା ଜଳସେଚନ ଜରିଆରେ ଜଳ ଯୋଗାଇ ଦିଆଯିବ । ୧୯୭୨-୭୩ରେ ଉଠା ଜଳସେଚନ ଯୋଜନା ଜରିଆରେ ଆହୁରି ୩ ହଜାର ହେକ୍ଟର ଅଧିକ ଜମିକୁ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି ।

## ସମବାୟ

୩୦ । କୃଷିର ଆଧୁନିକରଣ ନିମନ୍ତେ ଋଣ ହେଉଛି ଏକ ମୌଳିକ ଉପାଦାନ । ଛୋଟ ଛୋଟ ଚାଷୀ ତଥା କୃଷକସମାଜର ଦୁର୍ବଳ ଗୋଷ୍ଠୀ ଯେଉଳି ଉତ୍ପାଦନଭିତ୍ତିକ ଋଣ ଅଧିକ ମାତ୍ରାରେ ଅତି ସୁବିଧାରେ ପାଇ ପାରିବେ, ସେହି ଉଦ୍ଦେଶ୍ୟରେ ସମବାୟ ଋଣ ସଂଗଠନ ଓ ସେଗୁଡ଼ିକର ଅର୍ଥଲଗାଣ ନୀତିକୁ ପରିବର୍ତ୍ତନ